# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 5th September – 2025

**********************************

## ମୁଖ୍ୟ ସମ୍ବାଦ

- ଗୁରୁଦିବସ ଅବସରରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି; ଓଡ଼ିଶାରୁ ୨ ଜଣ ସମ୍ମାନୀତ

- ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ହେବ ବ୍ୟାପକ ପରିବର୍ତ୍ତନ; କହିଲେ ମୁଖ୍ୟମନ୍ତ୍ରୀ

— ରାଜ୍ୟସ୍ତରୀୟ **ପଠନ** ଅଭିଯାନର କଲେ ଶୁଭାରମ୍ଭ

- ଜିଏସ୍‌ଟି ସଂସ୍କାର ଦ୍ୱାରା ରାଜ୍ୟର ୧୦ ଲକ୍ଷରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ; ମତବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ହୀରାକୁଦ ଜଳଭଣ୍ଡାରର ୨୪ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ

# ଗୁରୁଦିବସ-ରାଷ୍ଟ୍ରପତି

ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫ ପ୍ରଦାନ ଅବସରରେ ରାଷ୍ଟ୍ରପତି କହିଛନ୍ତି, ନୂତନ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଭାରତକୁ ବିଶ୍ୱସ୍ତରରେ ଜ୍ଞାନର ମହାଶକ୍ତି ଭାବେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

**- V/O - (ରାଷ୍ଟ୍ରପତି)**

ରାଷ୍ଟ୍ରପତି କହିଛନ୍ତି, ଶିକ୍ଷାଦାନରେ ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟବୋର୍ଡ ଅପେକ୍ଷା ସ୍ମାର୍ଟ ଶିକ୍ଷକ ହେବା ଅଧିକ ଜରୁରୀ। ସ୍ମାର୍ଟ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଉନ୍ନତି ସମ୍ପର୍କିତ ଆବଶ୍ୟକତାକୁ ବୁଝି ସେ ଦିଗରେ ପଦକ୍ଷେପ ନେଇଥାନ୍ତି।

ରାଷ୍ଟ୍ରପତି ଆଜି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ସେଥିମଧ୍ୟରେ **ମାଲକାନଗିରି** ଜିଲ୍ଲା କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଦରର କାର୍ଯ୍ୟରତ ଶିକ୍ଷକ ତରୁଣ କୁମାର ଦାସଙ୍କୁ ଆଜି ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନୀତ କରାଯାଇଛି।

# ମୁଖ୍ୟମନ୍ତ୍ରୀ-ଗୁରୁଦିବସ

ରାଜ୍ୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷା ପାଇଁ ଗୋଟିଏ ବୋର୍ଡ ଗଠନ ହେବ। ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ

ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ। ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହ୍ରାସ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦୁଇଟି ଆହ୍ୱାନ ରହିଛି। ଶିକ୍ଷାନୁଷ୍ଠାନରେ ଉତ୍ତମ ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଆଗାମୀ ୩ ବର୍ଷରେ ପ୍ରାୟ ୪୫ ହଜାର ଶିକ୍ଷକ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଶ୍ରୀ ମାଝୀ କହିଛନ୍ତି, ଆଗାମୀ ଦିନରେ ସାନ୍ତାଳୀ ଭାଷାରେ ମଧ୍ୟ ପାଠ ପଢ଼ାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ପଠନ ଅଭିଯାନ ପଢ଼ିବା, ଗଢ଼ିବା ଓଡ଼ିଶାର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିବ।

## ଇ-ବସ୍ ସେବା

ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ ଇ-ବସ୍ ଚଳାଚଳ କରିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୦୦ ଇ-ବସ୍ ଚଳାଚଳ କରିବ। ସେଥିମଧ୍ୟରୁ ୨୦୦ ଇ-ବସ୍ ରାଜ୍ୟ ସରକାରଙ୍କ ପକ୍ଷରୁ କିଣାଯିବଏବଂ ୪୦୦ଟି ବସ୍ କେନ୍ଦ୍ର ସରକାର ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ

ସମ୍ବଲପୁରରେ ୨୫ଟି ଇ-ବସ୍ ଚଳାଚଳ କରିବ। ଏହାପରେ ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳରେ ଇ-ବସ୍ ଚଳାଚଳ କରିବ।

## ସୁରେଶ ପୂଜାରୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି **ଝାରସୁଗୁଡ଼ା** ଜିଲ୍ଲା ଗସ୍ତ କରି ଜିଲ୍ଲାରେ ବନ୍ୟାଜନିତ କ୍ଷୟକ୍ଷତି ପ୍ରଦାନ, ରାସ୍ତାଘାଟ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି।

## ଜିଏସ୍‌ଟି ହ୍ରାସ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ ସୁପାରିଶ୍ କରାଯାଇଛି।

ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ଲାଭାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ସଂସ୍କାର ଦ୍ୱାରା ବିଶେଷକରି ମଧ୍ୟବିତ୍ତ ଲୋକେ ଅଧିକ ଉପକୃତ ହେବେ। କେବଳ ଦୁଇଟି ସ୍ଲାବ୍ କାର୍ଯ୍ୟକାରୀ ହେବା ଦ୍ୱାରା ସମସ୍ତେ ଲାଭାବାନ୍ ହେବେ। ରାଜ୍ୟରେ ୧୦ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବା ସହ କୋଇଲା କ୍ଷେତ୍ରରେ ଅଧିକ ଲାଭ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିକ୍ଷା କ୍ଷେତ୍ରରେ ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ ଶିକ୍ଷା ଉପକରଣ ଉପରୁ ଦ୍ରବ୍ୟ ଓ ସେବାକର ଛାଡ କରାଯାଇଛି । ଜିଏସ୍‌ଟି ମୁକ୍ତ କରାଯାଇଥିବା ଉପକରଣଗୁଡ଼ିକ ମଧ୍ୟରେ ପୁସ୍ତକ, ପେନ୍‌ସିଲ, ସାର୍ପନର୍, ଗ୍ରାଫ୍‌ବୁକ୍, ମ୍ୟାପ୍‌ସ୍, ଗ୍ଲୋଭ୍ ଏବଂ ଲାବୋରାଟୋରୀ ନୋଟ୍‌ବୁକ୍ ରହିଛି । ପୂର୍ବରୁ ଏହିସବୁ ଉପକରଣ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଥିଲା । ଅନ୍ୟାନ୍ୟ ପାଠ୍ୟ ଉପକରଣ’ ଗଣିତ, ଜ୍ୟାମିତି ଏବଂ କଲରବକ୍ସ ଉପରେ ଜିଏସ୍‌ଟି ଦର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେତେକ ପାଠ୍ୟ ଉପକରଣ ଉପରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ କରାଯାଇଥିବାବେଳେ ଅନ୍ୟ କେତେକ ସାମଗ୍ରୀ ଉପରେ ମାତ୍ର ୫ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ନାଗରିକ ବିଶେଷ କରି ଶିକ୍ଷା କ୍ଷେତ୍ରରେ ଅର୍ଥନୈତିକ ବୋଝକୁ ହ୍ରାସ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ **ବରଗଡ଼** ଜିଲ୍ଲାରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏ ସମ୍ପର୍କରେ ଶୁଣନ୍ତୁ ଆମ ସମ୍ବାଦଦାତା **ଉମେଶ ବିଶ୍ୱାଳ**ଙ୍କ ରିପୋର୍ଟ.....

**- V/O - (ଉମେଶ ବିଶ୍ୱାଳ)**

## ଅଟଳ ଫେଷ୍ଟିଭାଲ

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କଟକର ବାରବାଟୀ ପ୍ୟାଲେସ୍‌ଠାରେ ଅଟଳ

ଫେଷ୍ଟିଭାଲ ଆରମ୍ଭ ହୋଇଛି । ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ମହିଳା ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ଆୟୋଜିତ ୩ ଦିନିଆ ମହିଳା ସମାବେଶକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି । ଏଥିରେ ବିଭିନ୍ନ ବର୍ଗର ସମାଜରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ମହିଳାମାନଙ୍କୁ ସମ୍ମାନୀତ କରାଯିବ । ମହିଳାମାନଙ୍କ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ମଧ୍ୟ ବୃତ୍ତିଗତ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

## ଆଦି କର୍ମଯୋଗୀ

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ସରକାରଙ୍କ ପକ୍ଷରୁ ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥୀ ନେଇ ଗ୍ରାମ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ **ମାଲକାନଗିରି**ଠାରେ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକରେ ଆଇ.ଟି.ଡି.ଏ ପ୍ରକଳ୍ପ ପ୍ରଶାସକ ହଳଧର ଶବରଙ୍କ ଅଧ୍ୟକ୍ଷତାରେ ୩ ଦିନିଆ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ତାଲିମ୍ କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ ଆଦି ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାସ୍ତରୀୟ ତାଲିମ୍ ପ୍ରଦାନ କରାଯାଇଛି ।

## ଫିଟ୍ ଇଣ୍ଡିଆ ଅଭିଯାନ

ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଅଭିଯାନ ସହିତ ସମନ୍ୱୟ ରଖି ଭାରତୀୟ ରେଳବାଇ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଆସନ୍ତା ରବିବାର ସକାଳେ ରେଳବାଇ ଷ୍ଟାଡିୟମ୍‌ଠାରେ ‘ସନ୍‌ଡେ ଅନ୍ ସାଇକେଲ’ ବ୍ୟାନରରେ ସ୍ୱତନ୍ତ୍ର

ସାଇକ୍ଲୋଥୋନ-୨୦୨୫ ଆୟୋଜନ କରାଯାଉଛି। ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

## ବଳିବାମନ ବେଶ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ବଳିବାମନ ବେଶ ଅନୁଷ୍ଠିତ ହେଉଛି। ବାମନରୂପୀ ବାଳକ ବେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁ ରତ୍ନ ସିଂହାସନରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଜୀଉମାନଙ୍କୁ ଏହି ବେଶରେ ସଜ୍ଜିତ କରାଯାଉଛି। ବଡ଼ସିଂହାର ପୂଜା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଶ୍ରୀଅଙ୍ଗରେ ସ୍ୱର୍ଣ୍ଣ ଅଳଙ୍କାର ବିଭୂଷିତ କରାଯିବ। ବିଶ୍ୱାସ ରହିଛି ଯେ, ମହାପ୍ରଭୁ ବିଷ୍ଣୁ' ପଞ୍ଚମ ଅବତାରରେ ବାମନ ରୂପ ନେଇ ବଳିମହାରାଜଙ୍କୁ ପାତାଳରେ ଚାପି ଦେଇଥିଲେ।

## ଗୁରୁଦିବସ – ଜିଲ୍ଲା

ଗୁରୁ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି।

**ନୟାଗଡ଼** ଷ୍ଟାଡ଼ିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ୨୨ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

**ଦେବଗଡ଼** ଟାଉନ୍ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଅନୁଷ୍ଠିତ ହୋଇଛି । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୭ ଜଣ ବିଷୟଭିତ୍ତିକ ମାଧ୍ୟମିକ ଓ ଦେବଗଡ଼ର ୩ ଜଣ ପ୍ରାଥମିକ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ସମାରୋହରେ ୨୨ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ।

**କୋରାପୁଟ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଜିଲ୍ଲାର ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆରସିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଗୁରୁଦିବସ ଜିଲ୍ଲା-୨

**ବରଗଡ଼** ଜିଲ୍ଲା ବରପାଲି ବ୍ଲକ୍ ଅନ୍ତର୍ଗତ କୃଷକପଲ୍ଲୀ ଗ୍ରାମରେ ଗୁରୁଦିବସ ଉପଲକ୍ଷେ ଦୁଇଟି ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରୁ ସର୍ବମୋଟ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । **ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଆନସ୍କୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି । ଜିଲ୍ଲାର ୬୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି । **ବୌଦ୍ଧ** ଟାଉନ୍‌ହଲ୍‌ଠାରେ ଜିଲ୍ଲା ଶିକ୍ଷାଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପ୍ରଦାନ କରାଯାଇଛି । **କଳାହାଣ୍ଡି** ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । **ମାଲକାନଗିରି**ଠାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ଶ୍ରେଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପାଣିପାଗ

ରାଜ୍ୟର ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଥିବା ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି ।